☐ **ପ୍ରକାଶିତ ବାକ୍ୟ ୧୨:୧୫** ସେହି ସ୍ତ୍ରୀଲୋକଙ୍କୁ ଜଳସ୍ରୋତରେ ଭସାଇଦେବା ନିମନ୍ତେ ସର୍ପ ତାହାଙ୍କ ପଛରେ ଆପଣା ମୁଖରୁ ନଦୀ ପରି ଜଳ ଉଦ୍‌ଗାର କଲା ।

☐ **ମାଥିଉ୨୪:୨୩** ସେତେବେଳେ ଦେଖ ଖ୍ରୀଷ୍ଟ ଏଠାରେ କିବା ସେଠାରେ କେହି ଯେବେ ତୁମ୍ଭମାନଙ୍କୁ ଏପରି କହିବ ତେବେ ତାହା ବିଶ୍ୱାସ କର ନାହିଁ ।

☐ **ମାଥିଉ ୨୪:୨୪** କାରଣ ଭଣ୍ଡ ଖ୍ରୀଷ୍ଟମାନେ ଓ ଭଣ୍ଡ ଭାବବାଦୀ ମାନେ ଉଠି ଏପରି ମହା ମହା ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ ଯେ ଯଦି ସମ୍ଭବ ହୁଏ, ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ ।

☐ **ପ୍ରକାଶିତ ବାକ୍ୟ ୧୨:୧୭** ସେଥିରେ ସର୍ପ ସ୍ତ୍ରୀଲୋକଙ୍କ ଉପରେ ମହାକ୍ରୁଦ୍ଧ ହୋଇ, ତାହାଙ୍କ ବଂଶର ଯେଉଁ ଅବଶିଷ୍ଟ ଲୋକମାନେ ଈଶ୍ୱରଙ୍କ ଆଜ୍ଞା ପାଳନ କରନ୍ତି ଓ ଯୀଶୁଙ୍କ ବିଷୟରେ ସାକ୍ଷ୍ୟ ଦାନ କରନ୍ତି, ସେମାନଙ୍କ ସହିତ ଯୁଦ୍ଧ କରିବାକୁ ଚାଲିଗଲେ

☐ ପ୍ରକାଶିତ ବାକ୍ୟ ୧୯:୧୦ ଯୀଶୁଙ୍କ ବିଷୟକ ସାକ୍ଷ୍ୟ ତ ଭାବବାଣୀର

## ଶେଷ ସାତ ବର୍ଷ ନିମନ୍ତେ ମୌଳିକ ସାସ୍ତ୍ର ସମୂହ

☐ **ଦାନିୟେଲ ୯:୨୭କ.** ପୁଣି ସେ ଏକ ସପ୍ତାହ ପର୍ଯ୍ୟନ୍ତ ଅନେକର ସହିତ ଦୃଢ଼ ନିୟମ କରିବ ।

☐ **ଦାନିୟେଲ ୯:୨୭ଖ.** ସପ୍ତାହର ଅର୍ଦ୍ଧେକ କାଳ ଯଜ୍ଞ ଓ ନୈବେଦ୍ୟ ନିବୃତ କରାଇବ; ଆଉ ଘୃଣାଯୋଗ୍ୟ ବସ୍ତୁ ସକଳର ପକ୍ଷ ଉପରେ ବିନାଶକ ଜଣେ ଆସିବ ।

☐ **ମାଥିଉ ୨୪:୧୫-୨୧** ଏଣୁ ତୁମ୍ଭେମାନେ ଯେତେବେଳେ ଦାନିୟେଲ ଭାବବାଦୀଙ୍କ ଦ୍ୱାରା ଉକ୍ତ ଉତ୍ସନ୍ନ କାରି ଘୃଣ୍ୟ ବସ୍ତୁକୁ ପବିତ୍ର ସ୍ଥାନରେ ଅବସ୍ଥିତ ଦେଖିବ । ସେତେବେଳେ ଯେଉଁମାନେ ଯିହୁଦା ପ୍ରଦେଶରେ ଥାଅନ୍ତି ସେମାନେ ପର୍ବତମାଳାକୁ ପଳାଇ ଯାଆନ୍ତୁ; କାରଣ ସେତେବେଳେ ଏପରି ମହାକ୍ଲେଶ ଘଟିବ ଯେ ଜଗତର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଘଟି ନାହିଁ ପୁଣି କେବେ ହେଁ ଘଟିବ ନାହିଁ ।

(କ୍ଲେଶର ସମୟ ୩ ½ ବର୍ଷ, ଏହା ବାଇବଲରେ ୮ ଥର ବ୍ୟବହାର କରାଯାଇଅଛି ଯେପରିକି କାଳ ସମୂହ, ଅର୍ଦ୍ଧ କାଳ, ୪୨ ମାସ ଏବଂ ୧୨୬୦ ଦିନ, ଚନ୍ଦ୍ର ମାସ ଅନୁସାରେ ବର୍ଷ କୁ ୩୬୦ ଦିନ ୩ ½ x ୩୬୦ = ୧୨୬୦ ଦିନ)

☐ **ମାଥିଉ୨୪:୨୯** ମାତ୍ର ସେହି ସମୟରେ କ୍ଲେଶ ଉତାରେ ଅକସ୍ମାତ୍ ସୂର୍ଯ୍ୟ ଅନ୍ଧକାରମୟ ହେବ ଓ ଚନ୍ଦ୍ର ଆଲୋକ ହେବ ନାହିଁ ପୁଣି ନକ୍ଷତ୍ରମାଳା ଆକାଶରୁ ସ୍ଖଳିତ ହେବେ ଓ ଆକାଶ ମଣ୍ଡଳର ଶକ୍ତି ସମୁହ ବିଚଳିତ ହେବେ ।

☐ **ମାଥିଉ ୨୪:୩୦** ଏବଂ ମନୁଷ୍ୟପୁତ୍ରଙ୍କୁ ମହା-ପରାକ୍ରମ ଓ ମହାମହିମ ସହ ଆକାଶର ମେଘମାଳାରେ ଆଗମନ କରିବା ଦେଖିବେ

☐ **ମାଥିଉ ୨୪:୩୧** ଆଉ, ସେ ମହାତୂରୀଧ୍ୱନି ସହିତ ଆପଣା ଦୂତମାନଙ୍କୁ ପ୍ରେରଣ କରିବେ ଏବଂ ସେମାନେ ଆକାଶର ଏକ ସୀମାରୁ ଅନ୍ୟ ସୀମା ପର୍ଯ୍ୟନ୍ତ ଚତୁର୍ଦ୍ଦିଗରୁ ତାହାଙ୍କର ମନୋନୀତ ଲୋକମାନଙ୍କ ଏକତ୍ର କରିବେ ।



☐ **ମାଥିଉ ୨୪:୩୫** ଆକାଶ ଓ ପୃଥିବୀ ଲୋପ ପାଇବ ମାତ୍ର ମୋହର ବାକ୍ୟସମୂହ କଦାପି ଲୋପ ପାଇବ ନାହିଁ ।

## ଭୟ ବନାମ ବିଶ୍ୱାସ



☐ **୨ତୀମଥି ୧:୭** କାରଣ ଈଶ୍ୱର ଆମ୍ଭମାନଙ୍କୁ ଭୀରୁତାର ଆତ୍ମା ଦେଇ ନାହାନ୍ତି, ମାତ୍ର ଶକ୍ତି, ପ୍ରେମ ଓ ସୁବୁଦ୍ଧିର ଆତ୍ମା ଦେଇଅଛନ୍ତି ।

☐ **୨ତୀମଥି ୧:୧୨** କାରଣ ମୁଁ ଯାହାଙ୍କଠାରେ ବିଶ୍ୱାସକରୁଅଛି, ତାହାଙ୍କୁ ଜାଣେ, ପୁଣି ମୁଁ ତାହାଙ୍କ ହସ୍ତରେ ଯାହା ସମର୍ପଣ କରିଅଛି, ତାହା ମହାଦିନ ପର୍ଯ୍ୟନ୍ତ ସୁରକ୍ଷା କରିବାକୁ ସେ ଯେ ସମର୍ଥ ଅଟନ୍ତି, ଏହା ଦୃଢ଼ ରୂପେ ବିଶ୍ୱାସ କରୁଅଛି ।

☐ **ରୋମୀୟ ୮:୩୮,୩୯** କାରଣ ମୃତ୍ୟୁ କି ଜୀବନ, ଦୂତ କି କର୍ତାପଣ ବର୍ତମାନ କି ଭବିଷ୍ୟତ କି ପରାକ୍ରମ, ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ କି ଅନ୍ୟ କୌଣସି ସୃଷ୍ଟ ବସ୍ତୁ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଯେ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରି ପାରିବ ନାହିଁ, ଏହା ମୁଁ ନିଶ୍ଚୟ ଜାଣେ ।

☐ **ରୋମୀୟ ୪:୨୦** ବରଂ ଈଶ୍ୱଙ୍କ ପ୍ରତିଜ୍ଞା ପ୍ରତି ଦୃଷ୍ଟିପାତ କରି ଅବିଶ୍ୱାସ ହେତୁ ସନ୍ଦେହ କଲେ ନାହିଁ ।

☐ **ଲୂକ ୧୦:୧୯,୨୦** ଦେଖ, ମୁଁ ତୁମ୍ଭମାନଙ୍କୁ ସାପ ଓ ବିଛା ଉପରେ ଚାଲିବାକୁ କ୍ଷମତା ଦେଇଅଛି, ପୁଣି ଶତ୍ରୁର ସମସ୍ତ ଶକ୍ତି ଉପରେ ମଧ କ୍ଷମତା ଦେଇଅଛି, ଆଉ କିଛି ହିଁ କୌଣସି ପ୍ରକାରେ ତୁମ୍ଭମାନଙ୍କର କ୍ଷତି କରିବ ନାହିଁ । ତଥାପି ଆମ୍ଭେମାନେ ଯେ ତୁମ୍ଭମାନଙ୍କର ବଶୀଭୂତ ଅଟନ୍ତି, ଏଥିରେ ଆନନ୍ଦ କର ନାହିଁ, କିନ୍ତୁ ତୁମ୍ଭମାନଙ୍କ ନାମ ଯେ ସ୍ୱର୍ଗରେ ଲେଖା ଅଛି ଏଥିରେ ଆନନ୍ଦ କର ।

☐ **ଯିରିମୀୟ ୧:୮** ସେମାନଙ୍କ ସକାଶୁ ଭୀତ ହୁଅ ନାହିଁ, କାରଣ ସଦାପ୍ରଭୁ କହନ୍ତି, ତୁମ୍ଭକୁ ଉଦ୍ଧାର କରିବା ପାଇଁ ଆମ୍ଭେ ତୁମ୍ଭ ସଙ୍ଗେ ସଙ୍ଗେ ଅଛୁ ।

☐ **ଯାତ୍ରା ପୁସ୍ତକ ୧୪:୧୪** ପରମେଶ୍ୱର ତୁମ୍ଭମାନଙ୍କ ନିମନ୍ତେ ଯୁଦ୍ଧ କରିବେ, ତୁମ୍ଭେମାନେ ନିରବ ରହିବ ।

☐ **ହିତୋପଦେଶ ୧୮:୧୦** ସଦାପ୍ରଭୂ ନାମ ଦୃଢ଼ ଗଡ଼; ଧାର୍ମିକ ଲୋକ ତହିଁକି ପଳାଇ ରକ୍ଷା ପାଏ ।

☐ **ଯିଶାଇୟ ୪୩:୧** ଭୟ କର ନାହିଁ, କାରଣ ଆମ୍ଭେ ତୁମ୍ଭକୁ ମୁକ୍ତ କରିଅଛୁ; ଆମ୍ଭେ ତୁମ୍ଭର ନାମ ଧରି ତୁମ୍ଭକୁ ଆହ୍ୱାନ କରିଅଛୁ, ତୁମ୍ଭେ ଆମ୍ଭର ।

☐ **ଏବ୍ରୀ୧୩:୫,୬** ଆମ୍ଭେ ତୁମ୍ଭକୁ କେବେ ହେଁ ପରିତ୍ୟାଗ କରିବା ନାହିଁ । ଅତଏବ ଆମ୍ଭେମାନେ ସାହାସପୂର୍ବକ କହି ପାରୁ, ପ୍ରଭୁ ମୋହର ସହାୟ, ମୁଁ ଭୟ କରିବି ନାହିଁ; ମନୁଷ୍ୟ ମୋହର କଅଣ କରିବ ?

☐ **ଗୀତସଂହିତା ୯୧:୫-୭** ତୁମ୍ଭେ ରାତ୍ରିର ହ୍ରାସ, କିଅବା ଦିବସର ଉଡ଼ନ୍ତା ତୀର, ଅନ୍ଧକାରଗାମୀ ମହାମାରୀ, କିଅବା ମଧାହ୍ନରେ ବିନାଶକ ସଂହାର ବିଷୟରେ ଭୀତ ହେବ ନାହିଁ । ତୁମ୍ଭ ପାର୍ଶ୍ୱରେ ସହସ୍ର ଓ ତୁମ୍ଭ ଦକ୍ଷିଣ ପାଖରେ ଅୟୁତ ଲୋକ ପଡ଼ିବେ; ମାତ୍ର ତାହା ତୁମ୍ଭ କତିକି ଆସିବ ନାହିଁ ।



## ବାକ୍ୟ ଆଧାରରେ ଠିଆ ହୁଅ ।

☐ **୨ତୀମଥି ୨:୩** ଖ୍ରୀଷ୍ଟ ଯୀଶୁଙ୍କର ଜଣେ ଉତମ ଯୋଦ୍ଧା ପରି ମୋ’ ସହିତ କ୍ଲେଶ ସହ୍ୟ କର

☐ **ହିତୋପଦେଶ ୧:୧୦** ହେ ମୋହର ପୁତ୍ର ପାପି ଗଣ ତୁମ୍ଭକୁ ଫୁସୁଲାଇଲେ, ତୁମ୍ଭେ ସମ୍ମତ ହୁଅ ନାହିଁ ।

☐ **୧ଯୋହନ ୨:୧୭** ପୁଣି ସଂସାର ଓ ସେଥିର ଅଭିଳାସ ଅନିତ୍ୟ, ମାତ୍ର ଯେ ଈଶ୍ୱରଙ୍କ ଇଚ୍ଛା ପାଳନ କରେ, ସେ ନିତ୍ୟସ୍ଥାୟୀ ।

☐ **ଏଫିସୀୟ ୫:୧୧** ଅନ୍ଧକାରର ନିଷ୍ଫଳ କର୍ମସବୁର ସହଭାଗୀ ହୁଅ ନାହିଁ, ବରଂ ସେସବୁର ଦୋଷ ହିଁ ଦେଖାଇଦିଅ ।

☐ **୨କରିନ୍ଥୀୟ ୬:୧୭,୧୮** ତୁମ୍ଭେମାନେ ସେମାନଙ୍କ ମଧ୍ୟରୁ ବାହାରି ଆସ, ଅଃମ ପୃଥକ ହୁଅ, ଆଉ, ଅଶୁଚି ପଦାର୍ଥ ସ୍ପର୍ଶ କର ନାହିଁ.....ଆମ୍ଭେ ତୁମ୍ଭମାନଙ୍କର ପିତା ହେବା, ପୁଣି, ତୁମ୍ଭେମାନେ ଆମ୍ଭର ପୁତ୍ରକନ୍ୟା ହେବ, ଏହା ସର୍ବଶକ୍ତିମାନ ପ୍ରଭୁ କହନ୍ତ ।



☐ **ଗୀତସଂହିତା ୨୩:୪** ସଦାପ୍ରଭୁ ମୋହର ପ୍ରତିପାଳକ ମୋହର ଅଭାବ ହେବ ନାହିଁ ।

☐ **ମାର୍କ ୮:୩୫** କାରଣ ଯେ କେହି ଆପଣା ଜୀବନ ରକ୍ଷା କରିବାକୁ ଇଛା କରେ, ସେ ତାହା ହରାଇବ କିନ୍ତୁ ଯେକେହି ମୋହର ଓ ସୁସମାଚାର ନିମନ୍ତେ ଆପଣା ଜୀବନ ହରାଇବ, ସେ ତାହା ରକ୍ଷା କରିବ ।

☐ **ଏବ୍ରୀ ୧୩:୮** ଯୀଶୁ ଖ୍ରୀଷ୍ଟ କାଲି, ଆଜି ଓ ଚିରକାଳ ସମାନ ଅଟନ୍ତି ।

☐ ମାର୍କ ୮:୩୬ ଆଉ ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ନିଜ ଜୀବନ ହରାଏ ତେବେ ତାହାର କି ଲାଭ ?

## ସୈନିକ ମାନଙ୍କର ମୂଲ୍ୟ ଏବଂ ପୁରସ୍କାର

☐ **ପ୍ରକାଶିତ ବାକ୍ୟ ୨:୧୦** ଯେଉଁସବୁ ଦୁଃଖ ଭୋଗ କରିବାକୁ ଯାଉଅଛ ସେହି ସବୁକୁ ଭୟ କର ନାହିଁ; ଦେଖ, ତୁମ୍ଭମାନଙ୍କ ପରିକ୍ଷା ନିମନ୍ତେ ଶୟତାନ ତୁମ୍ଭମାନଙ୍କ ମଧ୍ୟରୁ କାହାରିକାହାରିକୁ କାରାଗାରରେ ନିକ୍ଷେପ କରିବ, ଆଉ ତୁମ୍ଭେମାନେ ଦଶ ଦିନ କ୍ଲେଶ ଭୋଗ କରିବ । ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ଥ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନ ରୂପ ମୁକୁଟ ଦେବୁ ।

☐ **ଯୋହନ ୧୬:୩୩** ତୁମ୍ଭେମାନେ ଯେପରି ମୋ ଠାରେ ଶାନ୍ତି ପ୍ରାପ୍ତ ହୁଅ, ଏଥିନିମନ୍ତେ ମୁଁ ତୁମ୍ଭମାନଙ୍କୁ ଏହି ସବୁ ବିଷୟ କହିଅଛି । ଜଗତରେ ତୁମ୍ଭମାନଙ୍କ ନିମନ୍ତେ କ୍ଲେଶ ଅଛି, କିନ୍ତୁ ସାହାସ ଧର, ମୁଁ ଜଗତକୁ ଜୟ କରିଅଛି ।

☐ **ପ୍ରକାଶିତ ବାକ୍ୟ ୨୧:୭** ଯେ ଭୟ କରେ ସେ ଏହି ସମସ୍ତର ଅଧିକାରୀ ହେବ; ଆମ୍ଭେ ତାହାର ଈଶ୍ୱର ହେବୁ, ପୁଣି ସେ ଆମ୍ଭର ପୁତ୍ର ହେବ ।

☐ **୨ତୀମଥି ୩:୧୨** ପ୍ରକୃତରେ ଯେଉଁ ମାନେ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଧର୍ମଜୀବନ ଯାପନ କରିବାକୁ ଇଛା କରନ୍ତି, ସେମାନେ ତାଡ଼ନା ଭୋଗ କରିବେ ।

☐ **<u>୧କରିନ୍ଥୀୟ ୧୫:୫୫</u>** ଜୟ ମୃତ୍ୟୁକୁ ଗ୍ରାସ କରିଅଛି ରେ ମୃତ୍ୟୁ,କାହିଁ ତୋର ଜୟ ? ରେ ମୃତ୍ତୁ, କାହିଁ ତୋର ନାହୁଡ଼ ?

☐ **<u>୧ଯୋହନ ୫:୧୧</u>** ସେହି ସାକ୍ଷ୍ୟ ଏହି ଯେ, ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କଠାରେ ଅଛି ।

☐ **<u>ମାଥିଉ ୧୦:୨୮</u>** ଆଉ, ଯେଉଁ ମାନେ ଶରିରିକୁ ବଧ କରନ୍ତି, କିନ୍ତୁ ଆତ୍ମାକୁ ବଧ କରି ପାରନ୍ତି ନାହିଁ , ସେମାନଙ୍କୁ ଭୟ କର ନାହିଁ, ବରଂ ଯେ ଶରୀର ଓ ଆତ୍ମା ଉଭୟକୁ ନରକରେ ବିନଷ୍ଟ କରି ପାରନ୍ତି, ତାହାଙ୍କୁ ହିଁ ଭୟ କର ।

☐ **<u>ଗାଲାତୀୟ ୫:୧</u>** ସ୍ୱାଧୀନତା ନିମନ୍ତେ ଖ୍ରୀଷ୍ଟ ଆମ୍ଭମାନଙ୍କୁ ମୁକ୍ତ କରିଅଛନ୍ତି; ଅତଏବ ସ୍ଥିର ହୋଇ ରୁହ ଏବଂ ଦାସତ୍ୱ ଯୁଆଳିରେ ଆଉ ଥରେ ଯୋଚା ନ ଯାଅ ।

☐ **<u>ପ୍ରକାଶିତ ବାକ୍ୟ ୨୦:୪</u>** ପରେ ମୁଁ ସିଂହାସନ ସମୂହ ଦେଖିଲି; ସେହିସବୁ ଉପରେ କେତେକ ବ୍ୟକ୍ତି ଉପବେଶନ କଲେ, ସେମାନଙ୍କୁ ବିଚାର କରିବାର କ୍ଷମତା ଦିଆଗଲା । ଆଉ ଯୀଶୁଙ୍କ ସାକ୍ଷ୍ୟ ଓ ଈଶ୍ୱରରଙ୍କ ବାକ୍ୟ ନିମନ୍ତେ ଯେଉଁମାନଙ୍କର ମସ୍ତକଛେଦନ ହୋଇଥିଲା, ପୁଣି ଯେଉଁମାନେ ସେହି ପଶୁକୁ ବା ତାହାର ପ୍ରତିମାକୁ ପ୍ରଣାମ କରି ନଥିଲେ ଓ ତାହାର ଚିହ୍ନ ଆପଣା ଆପଣା କପାଳରେ ଓ ହସ୍ତରେ ଧାରଣ କରି ନ ଥିଲେ, ସେମାନଙ୍କର ଆତ୍ମାମାନଙ୍କୁ ଦେଖିଲି; **<u>ସେମାନେ ଜୀବିତ ହୋଇ ଖ୍ରୀଷ୍ଟଙ୍କ ସହିତ ଏକ ସହସ୍ର ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କଲେ ।</u>**

## <u>ସେ ଆମର ଯତ୍ନ ନେବେ ।</u>

☐ **<u>ଏବ୍ରୀ୧୩:୫</u>** ଆମ୍ଭେ ତୁମ୍ଭକୁ କେବେ ହେଁ ପରିତ୍ୟାଗ କରିବା ନାହିଁ ।

☐ **<u>୧ତୀମଥି ୫:୮</u>** କିନ୍ତୁ ଜଦି କେହି ଆପଣା ଆତ୍ମୀୟ,ବିଶେଷରେ ଆପଣା ପରିବାରର ତତ୍ୱ ନ ନିଏ, ସେ ବିଶ୍ୱାସମତ ଅସ୍ୱୀକାର କରିଅଛି ଆଉ ସେ ଅବିଶ୍ୱାସୀଠାରୁ ଅଧମ ଅଟେ ।

☐ **<u>ଯାକୁବ ୧:୨୨</u>** କିନ୍ତୁ ଶ୍ରୋତାମାତ୍ର ହୋଇ ଆପଣାମାନଙ୍କୁ ପ୍ରବଞ୍ଚନା ନ କରି  ବାକ୍ୟର କର୍ମକାରୀ ହୁଅ ।

☐ **<u>ମାଥିଉ ୬:୨୪-୨୬</u>** କୌଣସି ଲୋକ ଦୁଇ ଦାସ ହୋଇ ପାରେ ନାହିଁ; କାରଣ ସେ ଜଣକୁ ଘୃଣା କରିବ ଓ ଅନ୍ୟ ଜଣଙ୍କୁ ପ୍ରେମ କରିବ, ଅଥବା  ଜଣଙ୍କ ପ୍ରତି ଅନୁରକ୍ତ ହେବ ଓ ଅନ୍ୟ ଜଣକୁ ଅବଜ୍ଞା କରିବ । ତୁମ୍ଭେମାନେ ଈଶ୍ୱର ଓ ଧନ, ଉଭୟର ଦାସ ହୋଇ ପାର ନାହିଁ । ଏଥିନିମନ୍ତେ ମୁଁ ତୁମ୍ଭମାନଙ୍କୁ କହୁଅଛି, କଅଣ ଖାଇବ ବା କଅଣ ପିଇବ, ଏପରି ଭାଳି ତୁମ୍ଭମାନଙ୍କ ଶରୀର ନିମନ୍ତେ ମଧ ଚିନ୍ତା କର ନାହିଁ । ଭକ୍ଷ ଅପେକ୍ଷା ଜୀବନ ଓ ବସ୍ତ୍ର ଅପେକ୍ଷା ଶରୀର କି ଶ୍ରେଷ୍ଟ ନୁହେଁ ?ଆକାଶର ପକ୍ଷିଙ୍କି ଦେଖ, ସେମାନେ ବୁଣନ୍ତି ନାହିଁ କି କାଟନ୍ତି ନାହିଁ  କିଅବା ଅମାରରେ ସଞ୍ଚୟ କରନ୍ତି ନାହିଁ, ଆଉ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ସେମାନଙ୍କୁ ଆହାର ଦିଅନ୍ତି । ତୁମ୍ଭେମାନେ କଅଣ ସେମାନଙ୍କଠାରୁ ଶ୍ରେଷ୍ଠ ନୁହଁ ?

## <u>ଅଜ୍ଞାତ ବନାମ ବୁଝାମଣା ।</u>

☐ **<u>ଦାନିଏଲ ୧୨:୧୦</u>** ମାତ୍ର ଦୁଷ୍ଟମାନେ ଦୁଷ୍ଟାଚରଣ କରିବେ ଓ ଦୁଷ୍ଟମାନଙ୍କ ମଧ୍ୟରୁ  କେହି ବୁଝିବେ ନାହିଁ; ମାତ୍ର ଜ୍ଞାନୀ ଲୋକମାନେ ବୁଝିବେ ।

☐ **<u>ଗୀତସଂହିତା ୧୧୯:୧୩୦</u>** ତୁମ୍ଭ ବାକ୍ୟର ବିକାଶ ଆଲୁଅ ପ୍ରଦାନ କରେ ;ତାହା  ନିର୍ବୋଧକୁ ବୋଧ ଦିଏ ।



☐ **<u>ହିତୋପଦେଶ ୪:୧୮,୧୯</u>** ୩ମାତ୍ର ଧାର୍ମିକମାନଙ୍କ ପଥ ପ୍ରଭାତର ଆଲୁଅ ତୁଲ୍ୟ,  ଯାହା ମଧ୍ୟାହ୍ନ ପର୍ଯ୍ୟନ୍ତ ଆହୁରି ତେଜସ୍କର ହୁଏ । ପୁଣି, ଦୁଷ୍ଟମାନଙ୍କର ବାଟ ଅନ୍ଧକାର ତୁଲ୍ୟ; ସେମାନେ କାହିଁରେ ଝୁଣ୍ଟି ପଡ଼ନ୍ତି, ତାହା ଜାଣନ୍ତି ନାହିଁ ।

☐ **<u>ଯୋହନ ୮:୩୧,୩୨</u>** ଯଦି ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ ତେବେ ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ, ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।

☐ **<u>ଯୋହନ ୧୫:୧୯</u>** ଯଦି ତୁମ୍ଭେମାନେ ଜଗତରୁ ଉତ୍ପନ୍ନ ହୋଇଥାଆନ୍ତ, ତେବେ ଜଗତ ତୁମ୍ଭମାନଙ୍କୁ ଆପଣାର ଲୋକ ଜାଣି ସ୍ନେହ କରନ୍ତା, କିନ୍ତୁ ତୁମ୍ଭେମାନେ ଜଗତରୁ ଉତ୍ପନ୍ନ ହୋଇ ନାହଁ, ବରଂ ମୁଁ ତୁମ୍ଭମାନଙ୍କୁ ଜଗତ ମଧ୍ୟରୁ ମନୋନୀତ କରିଅଛି, ଏଥି ନିମନ୍ତେ ଜଗତ ତୁମ୍ଭମାନଙ୍କୁ ଘୃଣା କରେ ।

☐ **<u>ପ୍ରକାଶିତ ବାକ୍ୟ.୧୨:୧୧</u>** ଆଉ ସେମାନେ ମେଷଶାବକଙ୍କ ରକ୍ତ ଓ ଅପଣା ଆପଣା ସାକ୍ଷ୍ୟର ବାକ୍ୟ ଦ୍ୱାରା ତାହାକୁ ଜୟ କରିଅଛନ୍ତି ପୁଣି ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ଆପଣା ଆପଣା ପ୍ରାଣକୁ ପ୍ରିୟ ଜ୍ଞାନ କରି ନ ଥିଲେ ।

## <u>ସୁବୁଦ୍ଧି ଏବଂ ନିର୍ବୁଦ୍ଧି</u>

☐ **<u>ମାଥିଉ ୨୫:୧-୪</u>** ସେତେବେଳେ ସ୍ୱର୍ଗରାଜ୍ୟ ଦଶ ଜଣ କନ୍ୟାଙ୍କ ସଦୃଶ ହେବ ସେମାନେ ଆପଣା ଆପଣା ପ୍ରଦୀପ ଘେନି ବରଙ୍କ ସହିତ ସାକ୍ଷାତ କରିବାକୁ ବାହାରିଲେ ।





ସେମାନଙ୍କ ମଧ୍ୟରୁ ପାଞ୍ଚ ଜଣ ନିର୍ବୁଦ୍ଧି ଓ ପାଞ୍ଚ ଜଣ ସୁବୁଦ୍ଧି ଥିଲେ ।
ନିର୍ବୁଦ୍ଧିମାନେ ପ୍ରଦୀପ ନେବା ସମୟରେ ନିଜ ନିଜ ସହିତ ତୈଳ ନେଲେ ନାହିଁ,

ମାତ୍ର ସୁବୁଦ୍ଧିମାନେ ଆପଣା ଅପଣା ପ୍ରଦୀପ ସହିତ ପାତ୍ରରେ ତୈଳ ନେଲେ ।



At the site https://johanpeters.in you find FREE Bibles, Gospels and many pamphlets on all kinds of subjects. You can also choose from nine books on the home-page. All completely FREE. No strings attached.

Contact:



## *ଆସ ଜାହାଜ ନିର୍ମାଣ ନିମନ୍ତେ ଅତି ଆବଶ୍ୟକୀୟ ଶାସ୍ତ୍ରାଂଶ,*
## *ମିଥ୍ୟା ର ବନ୍ୟା ଆସିବ*

**ପ୍ରଭୁ ପ୍ରତିଜ୍ଞା ଦେଇଥିବା ବାକ୍ୟ ଗୁଡ଼ିକୁ ମୁଖସ୍ତ କରି ଆମେ ନୋହଙ୍କ ସାଦୃଶ୍ୟ ନିଜ ନିମନ୍ତେ ଜାହାଜ ନିର୍ମାଣ କରୁ ।**




**ଯଦି ଆପଣ ପଦଟି ଜାଣନ୍ତି ତେବେ ବାକ୍ସରେ ଚିହ୍ନ ଦିଅନ୍ତୁ!**

**<u>ଭଣ୍ଡ ଖ୍ରୀଷ୍ଟ ସମ୍ପର୍କ ରେ ସତର୍କ ସୂଚନା ।</u>**

ଭଣ୍ଡ ଖ୍ରୀଷ୍ଟ କୁ ମୂଳ ଗ୍ରୀକ ଭାଷା ଗ୍ରୀକ ରେ αντίΧριστός,ଭଣ୍ଡ ଖ୍ରୀଷ୍ଟ ବୋଲି ଅନୁବାଦ କରାଯାଏ । ଆଣ୍ଟି <u>αντί</u> ଅର୍ଥାତ  "ବିରୋଧୀ"-ଆଣ୍ଟି  କୁ ମୂଳ ଗ୍ରୀକ ଭାଷା ର ଅର୍ଥ  "ବ୍ୟତୀତ" । ଭଣ୍ଡ ଖ୍ରୀଷ୍ଟ ର ଆକ୍ଷରିକ ଅର୍ଥ ଖ୍ରୀଷ୍ଟ ଙ୍କ ବଦଳରେ ଆଉ ଜଣେ  ଓ ଖ୍ରୀଷ୍ଟଙ୍କ ବଦଳରେ ।

**<u>ଏବଂ ଭଣ୍ଡ ଭାବବାଦୀ</u>**

*ପ୍ରକାଶିତ ବାକ୍ୟ ୧୩ ରେ ତାଙ୍କୁ ମେଷଶାବକ ଭାବରେ ବର୍ଣ୍ଣନା କରେ । ଯୀଶୁ ଏକ ମେଷଶାବକ ଭାବରେ ଚିତ୍ରିତ ହୋଇଥିଲେ, ତେଣୁ ସେ ଜଣେ ଖ୍ରୀଷ୍ଟିଆନ ହୋଇପାରନ୍ତି । ଭବିଷ୍ୟଦ୍‌ବକ୍ତା ମଲାଖି କହିଛନ୍ତି , ପ୍ରଭୁଙ୍କ ଆଗମନ ପୂର୍ବରୁ ମୁଁ ତୁମକୁ ଏଲିଅ ଭବିଷ୍ୟଦ୍‌ବକ୍ତା ପଠାଇବି- ଯୀଶୁ ଯୋହନଙ୍କ ବିଷୟରେ କହିଥିଲେ... ଏହା ଏଲିୟ, ଯାହା ଆସିବାକୁ ଥିଲା (ମାଥିଉ ୧୧:୭,୧୪)*
ସେମାନେ ଚାଲିଯାଉଥିବା ସମୟରେ ଯୀଶୁ ଯୋହନଙ୍କ ସମ୍ବନ୍ଧରେ ଲୋକ ସମୂହକୁ କହିବାକୁ ଲାଗିଲେ, ତୁମ୍ଭେମାନେ କଅଣ ଦେଖିବା ପାଇଁ ପ୍ରାନ୍ତରକୁ ବାହାରିଯାଇଥିଲ ? କଅଣ ପବନରେ ଦୋହଲୁଥିବା ଗୋଟିଏ ନଳ ? ତାହା ନ ହେଲେ ତୁମ୍ଭେମାନେ କଅଣ ଦେଖିବା ପାଇଁ ବାହାରିଯାଇଥିଲ ? କଅଣ ସୂକ୍ଷ୍ମ ବସ୍ତ୍ର ପରିହିତ ଜଣେ ବ୍ୟକ୍ତିଙ୍କି ? ଦେଖ..ଆଉ, ବାପ୍ତିଜକ ଯୋହନଙ୍କ ସମୟଠାରୁ ଆଜି ପର୍ଯ୍ୟନ୍ତ ସ୍ୱର୍ଗରାଜ୍ୟ ବଳରେ ଆକ୍ରାନ୍ତ ହେଉଅଛି; ପୁଣି ବଳରେ ଆକ୍ରମଣକାରିମାନେ ପରାକ୍ରମରେ ତାହା ଅଧିକାର କରୁଅଛନ୍ତି । କାରଣ ସମସ୍ତ ଭାବବାଦୀ ଓ ବ୍ୟବସ୍ଥାଶାସ୍ତ୍ର ଯୋହନଙ୍କ ପର୍ଯ୍ୟନ୍ତ ଭାବବାଣୀ କହିଥିଲେ । ଆଉ, ତୁମ୍ଭେମାନେ ଯେବେ ଗ୍ରହଣ କରିବାକୁ ଇଛା କର, ତେବେ ଯେଉଁ ଏଲୀୟଙ୍କ ଆସିବାର ଅଛି, ଏ ସେହି ।

☐ **<u>ଗୀତସଂହିତ ୯୧:୪</u>** ତାହାଙ୍କର ସତ୍ୟତା ତୁମର ଢ଼ାଲ ସ୍ୱରୂପ ହେବ ।